# NATIONAL NEWS BULLETIN (ODIA)

## 26 January - 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ସ୍ୱତନ୍ତ୍ରତା କା ମନ୍ତ୍ର 'ବନ୍ଦେ ମାତରମ୍' ଏବଂ ସମୃଦ୍ଧିକା ମନ୍ତ୍ର 'ଆତ୍ମନିର୍ଭର ଭାରତ' ପ୍ରସଙ୍ଗ ନେଇ ଆଜି ଦେଶ ପାଳନ କରୁଛି ୭୭ତମ ଗଣତନ୍ତ୍ର ଦିବସ ।

– ରାଷ୍ଟ୍ରପତିଙ୍କ ନେତୃତ୍ୱରେ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ପୂର୍ବାହ୍ନ ସାଢ଼େ ୧୦ଟାରେ ଆରମ୍ଭ ହେବ ଜାତୀୟ ସମାରୋହ ।

- ଆତ୍ମନିର୍ଭରତା ଏବଂ ସ୍ୱଦେଶୀ ଦେଶର ଅର୍ଥନୈତିକ ଭବିଷ୍ୟତ ଗଠନରେ ମାର୍ଗଦର୍ଶକ ପାଲଟିଛି, କହିଲେ ରାଷ୍ଟ୍ରପତି ।
- ଚଳିତ ବର୍ଷ ପାଇଁ ୧୩୧ ଜଣ ପାଇବେ ପଦ୍ମ ପୁରସ୍କାର ।

– ଓଡ଼ିଶାରୁ ୪ ଜଣ ଏଥିପାଇଁ ମନୋନୀତ ।

ଏବଂ

- ଗୁଆହାଟୀ ମ୍ୟାଚ୍‌କୁ ଜିତି ଚଳିତ ଟି-ଟ୍ୱେଣ୍ଟି ସିରିଜ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩-୦ରେ ଭାରତ ଆଗୁଆ ।

## ରିପବ୍ଲିକ୍ ଡେ' ପରେଡ୍

୭୭ତମ ଗଣତନ୍ତ୍ର ଦିବସ ଆଜି ପାଳନ କରାଯାଉଛି । ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନେତୃତ୍ୱରେ ଏହି ଦିବସ ପାଳନ କରାଯାଉଛି । ପୂର୍ବାହ୍ନ ସାଢ଼େ ୧୦ଟାରେ ଗଣତନ୍ତ୍ର ପରେଡ୍ ଆରମ୍ଭ ହେବ ଏବଂ ୯୦ ମିନିଟ୍ ଧରି ଚାଲିବ ।

ଚଳିତ ବର୍ଷ ଗଣତନ୍ତ୍ର ଦିବସର ବିଷୟବସ୍ତୁ ରହିଛି "ସ୍ୱତନ୍ତ୍ରତା କା ମନ୍ତ୍ର : ବନ୍ଦେ ମାତରମ୍" ଏବଂ "ସମୃଦ୍ଧି କା ମନ୍ତ୍ର : ଆତ୍ମନିର୍ଭର ଭାରତ" । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଗଣତନ୍ତ୍ର ଦିବସ କାର୍ଯ୍ୟକ୍ରମ ଆରମ୍ଭ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କର୍ତ୍ତବ୍ୟ ପଥରେ ପହଞ୍ଚିବା ପରେ ମାର୍ଚ୍ଚପାଷ୍ଟ ମାଧ୍ୟମରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବ । ଏଥିରେ ସେନାବାହିନୀର ଯବାନ, ଅର୍ଦ୍ଧ ସାମରିକ ବାହିନୀ, ବେସାମରିକ ବାହିନୀ, ଏନ୍.ସି.ସି. ଏବଂ ଏନ୍.ଏସ୍.ଏସ୍.ର ସଦସ୍ୟମାନେ ଅଂଶଗ୍ରହଣ କରିବେ । ଚଳିତ ବର୍ଷ ପରେଡ୍‌ରେ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର୍ ଲିୟେନ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଉଛନ୍ତି ।

ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ, କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ଓ ମନ୍ତ୍ରଣାଳୟର ୩୦ଟି ପ୍ରଜ୍ଞାପନ ମେଢ଼ ପରେଡ୍‌ରେ ପ୍ରଦର୍ଶିତ ହେବ । ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତିର ସ୍ୱତନ୍ତ୍ର ଗାନ

ଏବଂ ବିଭିନ୍ନ କ୍ଷେତ୍ରରେ ଭାରତର ଦ୍ରୁତ ପ୍ରଗତି ସମ୍ପର୍କିତ ଦୃଶ୍ୟ ଏହି ପ୍ରଜ୍ଞାପନ ମେଢ଼ରେ ସ୍ଥାନ ପାଇବ । ତିନି ବାହିନୀ ପକ୍ଷରୁ "ଅପରେସନ ସିନ୍ଦୂର : ମିଳିତ ଉଦ୍ୟମରେ ବିଜୟ" ସମ୍ପର୍କରେ ସ୍ୱତନ୍ତ୍ର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହେବ । ଏହା ଭାରତୀୟ ସେନା, ନୌବାହିନୀ ଏବଂ ଆକାଶ ବାହିନୀର ମିଳିତ ଶକ୍ତି, ସଂହତି ଏବଂ ସଦ୍‌ଭାବନାକୁ ସୂଚାଇ ଥାଏ । ସେନାର ୧୮ଟି ମାର୍ଚ୍ଚିଂ ଦଳ ଏବଂ ୧୩ଟି ବ୍ୟାଣ୍ଡ୍ ଦଳ ଏହି ପରେଡ୍‌ରେ ସାମିଲ୍ ହେଉଛନ୍ତି । ପ୍ରଥମ ଥର ଲାଗି ସେନାଦ୍ୱାରା ରଣକୌଶଳ ପ୍ରଦର୍ଶିତ ହେବ । ୨୯ଟି ଯୁଦ୍ଧବିମାନ ଉଡ଼ାଣ ସହ କାର୍ଯ୍ୟକ୍ରମ ସମାପ୍ତ ହେବ । ଯୁଦ୍ଧବିମାନ ମଧ୍ୟରେ **Su-30, C-295, Mig-29, Apache** ଏବଂ ରାଫେଲ୍ ଆଦି ଅନ୍ତର୍ଭୁକ୍ତ । ଦେଶପ୍ରତି ସମ୍ମାନ ଜଣାଇ ୨ ହଜାର ୫୦୦ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିବେ । ୫୩ଟି ବର୍ଗରେ ୧୦ ହଜାର ସ୍ୱତନ୍ତ୍ର ଅତିଥି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।

## ପ୍ରେଜ୍-ଆଡ୍ରେସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଆତ୍ମନିର୍ଭରତା ଏବଂ ସ୍ୱଦେଶୀ ଦେଶର ଅର୍ଥନୈତିକ ଭବିଷ୍ୟତ ଗଠନରେ ମାର୍ଗଦର୍ଶକ ପାଲଟିଛି । ଭାରତର ଯୁବ ଉଦ୍ୟୋଗୀ, କ୍ରୀଡ଼ାବିତ୍, ବୈଜ୍ଞାନିକ ଏବଂ ବୃତ୍ତିଗତଙ୍କୁ ଏଥିପାଇଁ ସେ ପ୍ରଶଂସା କରିଛନ୍ତି । ୭୭ତମ ଗଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଗତ ସନ୍ଧ୍ୟାରେ ରାଷ୍ଟ୍ରକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ଦେଶରେ ବିଶ୍ୱର ସର୍ବାଧିକ ଯୁବବର୍ଗ ରହିଛନ୍ତି ଏବଂ ସେମାନେ

ଅତ୍ୟନ୍ତ ପ୍ରତୀଭା ସମ୍ପନ୍ନ । ଦେଶର ଯୁବବର୍ଗଙ୍କ ଏକ ବଡ଼ ଭାଗ ଆତ୍ମନିଯୁକ୍ତି ମାଧ୍ୟମରେ ଦେଶର ବିକାଶକୁ ତ୍ୱରାନ୍ୱିତ କରିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

**V/O-1**

ରାଷ୍ଟ୍ରପତି କହିଛନ୍ତି, ବିଶ୍ୱ ଅନିଶ୍ଚିତତା ସତ୍ତ୍ୱେ ଭାରତ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି ହାସଲ କରୁଛି । ରାଷ୍ଟ୍ର ପ୍ରଥମ ଭାବନା ସହିତ ମିଳିମିଶି କାମ କରିବା ସହିତ ଆହୁରି ଗୌରବାନ୍ୱିତ କରିବାକୁ ରାଷ୍ଟ୍ରପତି ମୁର୍ମୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଅପରେସନ୍ ସିନ୍ଦୂର ମାଧ୍ୟମରେ ଆତଙ୍କବାଦ ଭିତ୍ତିଭୂମି ବିରୁଦ୍ଧରେ ଭାରତର ପଦକ୍ଷେପ ଉପରେ ସେ ଆଲୋକପାତ କରିଛନ୍ତି ।

ଦେଶର ଷ୍ଟାର୍ଟଅପ୍ ଗୁଡ଼ିକ ସଫଳତା ଉପରେ ରାଷ୍ଟ୍ରପତି ଆଲୋକପାତ କରିବା ସହ ୨୦୪୭ ବିକଶିତ ଭାରତ ଗଠନରେ ଯୁବବର୍ଗଙ୍କ ଭୂମିକା ଉପରେ ଗୁରୁତ୍ୱ ଦେଇଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଦେଶର ମହିଳା ସାମଗ୍ରୀକ ବିକାଶରେ ସକ୍ରିୟ ଭାବେ ଯୋଗଦାନ ପ୍ରଦାନ କରୁଛନ୍ତି । ଏହି ଅବସରରେ ମହିଳା କ୍ରୀଡ଼ାବିତ୍‌ଙ୍କର ସଫଳତା ସମ୍ପର୍କରେ ସେ ଆଲୋକପାତ କରିଛନ୍ତି ।

**V/O-2**

## ପିଏମ୍-ଇଣ୍ଟନ୍ସ

ପ୍ରଧାନମନ୍ତ୍ରୀ ଇଣ୍ଟର୍ନସିପ୍ ଯୋଜନା ଅନ୍ତର୍ଗତ ପ୍ରଶିକ୍ଷାର୍ଥୀଙ୍କ ନୂଆଦିଲ୍ଲୀଠାରେ ଏକ ତିନି ଦିନିଆ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଗଣତନ୍ତ୍ର ଦିବସ ପାଳନ ଅବସରରେ ସମଗ୍ର ଦେଶରୁ ୧୦୦ରୁ ଅଧିକ ପ୍ରଶିକ୍ଷାର୍ଥୀ ଏଥିରେ ଯୋଗଦେଉଛନ୍ତି । କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଏହି ଇଣ୍ଟର୍ଣ୍ଣମାନେ ଆଜି ଗଣତନ୍ତ୍ର ଦିବସ ସମାରୋହ ସ୍ୱତନ୍ତ୍ର ଅତିଥି ହେବେ । ଏହି ତିନି ଦିନିକିଆ କାର୍ଯ୍ୟକ୍ରମ ଅବସରରେ ଇଣ୍ଟର୍ଣ୍ଣମାନେ କେନ୍ଦ୍ର ମନ୍ତ୍ରୀ ହର୍ଷ ମାଲ୍ହୋତ୍ରାଙ୍କ ସହ ଆଲୋଚନା କରିଛନ୍ତି ।

## ପଦ୍ମଆୱାର୍ଡ଼

ଚଳିତ ବର୍ଷ ଭାରତର ସମ୍ମାନଜନକ ବେସାମରିକ ପଦ୍ମ ପୁରସ୍କାର-୨୦୨୬ ଘୋଷଣା କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୩୧ ଜଣ ପଦ୍ମ ପୁରସ୍କାର ଲାଗି ଅନୁମୋଦନ ପ୍ରଦାନ କରିଛନ୍ତି । ସେଥିମଧ୍ୟରେ ୫ ଜଣଙ୍କୁ ପଦ୍ମ ବିଭୂଷଣ, ୧୩ ଜଣଙ୍କୁ ପଦ୍ମ ଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ ପାଇଁ ମନୋନୀତ କରାଯାଇଛି । ୧୯ ଜଣ ମହିଳା ଏବଂ ୧୬ ଜଣଙ୍କୁ ମରଣୋତ୍ତର ଭାବେ ପଦ୍ମ ପୁସ୍କାର ପ୍ରଦାନ କରାଯିବ ।

ପ୍ରଖ୍ୟାତ ଅଭିନେତା ସ୍ୱର୍ଗତ ଧର୍ମେନ୍ଦ୍ର ସିଂହ ଦେଓଲ୍ ଚଳଚିତ୍ର ଜଗତରେ ଉଲ୍ଲେଖନୀୟ ଅବଦାନ ପାଇଁ  ମରଣୋତ୍ତର ଭାବେ ପଦ୍ମବିଭୂଷଣ ସମ୍ମାନ ପାଇବେ । ଅନ୍ୟମାନଙ୍କ ମଧ୍ୟରେ କେରଳର କେ.ଟି.

ଥୋମାସ୍, କେରଳର ପି. ନାରାୟଣନ୍, ପୂର୍ବତନ ମୁଖ୍ୟମନ୍ତ୍ରୀ ଭି.ଏସ୍. ଅଚ୍ୟୁତାନନ୍ଦନ୍ ଏବଂ ଉତ୍ତର ପ୍ରଦେଶର ଏନ୍. ରାଜନ୍ ପଦ୍ମ ବିଭୂଷଣ ପୁରସ୍କାର ପାଇବେ ।

ସେହିପରି ପଦ୍ମଭୂଷଣ ସମ୍ମାନ ପାଇବାକୁ ଥିବା ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ କଣ୍ଠଶିଳ୍ପୀ ଅଲକା ୟାଗ୍ନିକ୍, ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭଗତ୍‌ସିଂହ କୋଶିୟାରୀ, କେରଳର ପ୍ରଖ୍ୟାତ ଅଭିନେତା ମାମୁଟୀ ରହିଛନ୍ତି ।

ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଓଡ଼ିଶାର ମହେନ୍ଦ୍ର କୁମାର ମିଶ୍ର ଏବଂ ଚରଣ ହେମ୍ବ୍ରମ୍, କଳା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପୁରସ୍କାର ଲାଗି ମନୋନୀତ ହୋଇଛନ୍ତି ।

## ୟୁରୋପ-ଲିଡର୍ସ୍ ଭିଜିଟ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ନୂଆଦିଲ୍ଲୀଠାରେ ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଡା କୋଷ୍ଟା ଏବଂ ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷ ଉର୍ସୁଲା ଭନ୍‌ଡେର୍ ଲେୟନ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏହି ଦୁଇ ନେତାଙ୍କ ଆଲୋଚନା ଭାରତ-ୟୁରୋପୀୟ ସଂଘ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଡା କୋଷ୍ଟାଙ୍କୁ ଗତକାଲି ନୂଆଦିଲ୍ଲୀର ବିମାନ ବନ୍ଦରଠାରେ ଇଲେକ୍ଟ୍ରୋନିକ୍ସ ଓ

ସୂଚନା ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ସ୍ୱାଗତ କରିଥିଲେ । ଶ୍ରୀ କୋଷ୍ଟା ଏବଂ ଲେୟନ୍‌ଙ୍କୁ ବିମାନ ବନ୍ଦରରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା ।

ଡକ୍ଟର ଜୟଶଙ୍କର ୟୁରୋପୀୟ କମିଶନ୍‌ର ଉପାଧ୍ୟକ୍ଷ କାଜା କାଲାସ୍‌ଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି ।

## ପ୍ରଗତି-ସ୍ପେଶାଲ ଷ୍ଟୋରୀ

ପ୍ରଧାନମନ୍ତ୍ରୀଙ୍କ ସକ୍ରିୟ ଶାସନ ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରମୁଖ ମଞ୍ଚ ପ୍ରଗତି ଏହାର ୫୦ତମ ବୈଠକର ସଫଳ ପରିଚାଳନା କରିଛି । ୨୦୧୫ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ, ପ୍ରଗତି ମଞ୍ଚରେ ପ୍ରଧାନମନ୍ତ୍ରୀସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ବାସ୍ତବ-ସମୟ ତଦାରଖ ଏବଂ ସମାଧାନ କରି ସଫଳତା ହାସଲ କରିଛି। ଆଜି ଆସନ୍ତୁ ଏହି ବିଶେଷ ଶୃଙ୍ଖଳାରେ ଜାଣିବା ମହାରାଷ୍ଟ୍ରର ନେରୁଲ-ବେଲାପୁର-ଉରାନ୍ ରେଳପଥ ସମ୍ପର୍କରେ ।

ନେରୁଲ-ବେଲାପୁର-ଉରାନ୍ ରେଳପଥ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମି ପ୍ରକଳ୍ପ ।

ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ରେଳପଥର ପ୍ରଥମ ପର୍ଯ୍ୟାୟ ନେରୁଲ-ବେଲାପୁର-ସିଉଡ଼ରୁ ଖାରକୋପର ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଖାରକୋପରରୁ ଉରାନ୍ ପର୍ଯ୍ୟନ୍ତ ରହିଥିଲା ।

ପ୍ରକଳ୍ପ କାର୍ଯ୍ୟନ୍ୱୟନ ସମ୍ପର୍କରେ ବିଭିନ୍ନ ପ୍ରସଙ୍ଗ ନେଇ କେତେକ ଆହ୍ୱାନ ସୃଷ୍ଟି ହୋଇଥିଲା । ପ୍ରଗତି ବ୍ୟବସ୍ଥା ମାଧ୍ୟମରେ ୨୦୧୭ ଫେବୃୟାରୀ ୨୨ ତାରିଖରେ ଏହାର କାର୍ଯ୍ୟ ସ୍ଥିତି ନେଇ ସମୀକ୍ଷା କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶ କ୍ରମେ ଏକ ସମନ୍ୱିତ ଏବଂ ସମୟସୀମାବଦ୍ଧ ଢାଞ୍ଚାକୁ ସକ୍ରିୟ କରାଯାଇଥିଲା  ଜିଲ୍ଲା ପ୍ରଶାସନ ସମନ୍ୱୟରେ କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହୋଇଥିଲା । ଏହାର ପ୍ରଥମ ପର୍ଯ୍ୟାୟ ୨୦୧୮ ନଭେମ୍ବର ମାସରେ ସଫଳତାର ସହ କାର୍ଯ୍ୟକ୍ଷମ ହୋଇଥିଲା । ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ଖାରକୋପରରୁ ଉରାନ୍ ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ୨୦୨୪ ଜାନୁଆରୀ ୧୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଗତି ବ୍ୟବସ୍ଥାର ସଫଳ କାର୍ଯ୍ୟାନ୍ୱୟନ ଏବଂ ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି ।

## କ୍ରିକେଟ୍

ଭାରତ-ନ୍ୟୁଜିଲାଣ୍ଡ ପୁରୁଷ ବର୍ଗ ଚଳିତ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ତୃତୀୟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । ଗୁଆହାଟୀର ବର୍ଷାପାରା ଏ.ସି.ଏ. ଷ୍ଟାଡିୟମ୍‌ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ

ଭାରତ ନ୍ୟୁଜିଲାଣ୍ଡକୁ ୮ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ଭାରତ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୫୩ରନ୍ ସଂଗ୍ରହ କରିଥିଲା । ୧୫୪ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୧୦ ଓଭରରେ ୨ଟି ୱିକେଟ୍ ବିନିମୟରେ ହାସଲ କରିପାରିଥିଲା ।  ଯଶପ୍ରୀତ ବୁମ୍‌ରାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି । ଏହି ବିଜୟ ସହ ଭାରତ ସିରିଜ୍‌ରେ ୩-୦ରେ ଆଗୁଆ ହୋଇଛି । ଆସନ୍ତା ବୁଧବାର ଦିନ ବିଶାଖାପାଟନାଠାରେ ଚତୁର୍ଥ ମ୍ୟାଚ୍ ଖେଳାଯିବ ।